ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୫, ସେପ୍ଟେମ୍ବର ୫**

# ଗୁରୁ ହିଁ ଭଗବାନ


ଯୁଧିଷ୍ଠିର ମହାରଣା

ଶ୍ରୀମଦ୍ ଭଗବଦ୍‌ଗୀତାରେ କୁହାଯାଇଛି କେହି ତାଙ୍କୁ ଜୟ କରିପାରିବେ ନାହିଁ କି କେହି ତାଙ୍କ ପାଖରେ ପହଂଚିପାରିବେ ନାହିଁ । କିନ୍ତୁ ତାଙ୍କୁ ଜୟ କରିହେବ । ଏହା କିପରି ସମ୍ଭବ ? ଇନ୍ଦ୍ରିୟପ୍ରାପ୍ତ ଜ୍ଞାନ ବଳରେ ମାନସିକ କଳ୍ପନା କରିବା କିମ୍ବା ବଡ଼ ବଡ଼ ପୁସ୍ତକ ଲେଖିବା ସମ୍ଭବ । ମାତ୍ର ପରମ ପୁରୁଷ ଭଗବାନଙ୍କୁ ଜାଣିବା ମୂଢ଼ତା । ଗବେଷଣା ଛାଡ଼ିଦିଅ, ସବୁ ଫୋପାଡ଼ି ଦିଅ, ବିନୟୀ ହୁଅ । ଏ କଥା ସ୍ୱୀକାର କର, ତୁମର ଶକ୍ତି ସୀମିତ ଏବଂ ତୁମେ ଭଗବାନଙ୍କ ଅଧୀନ । କେହି ଭଗବାନଙ୍କ ସହ ସମାନ ହୋଇପାରିବେ ନାହିଁ କିମ୍ବା ତାଙ୍କ ଠାରୁ ବଡ଼ ହୋଇପାରିବେ ନାହିଁ । ତେଣୁ ବିନୟୀ ହୁଅ । ଉପଯୁକ୍ତ ଅଧିକାରୀଙ୍କ ଠାରୁ ପରମ ପୁରୁଷ ଭଗବାନଙ୍କର ଗୁଣ-ଗୌରବମାନ ଶ୍ରବଣ କର । ଅର୍ଜୁନଙ୍କ ଭଳି ଭଗବାନଙ୍କୁ ବୁଝା ବିଶିଷ୍ଟ ଆଚାର୍ଯ୍ୟଗଣ ଯେଉଁ ପଥମାନ ଦେଖାଇଯାଇଛନ୍ତି, ତାହା ଅନୁସରଣ କର । ତା ହେଲେ ସବୁ ଜାଣିପାରିବ ।

ଗୁରୁ ହିଁ ଈଶ୍ୱର । ଗୁରୁମୁଖ୍ୟ ନିଃସୃତ ବାଣୀ ହିଁ ଈଶ୍ୱରଙ୍କ ବାଣୀ । ସେ ଆପଣଙ୍କୁ କୌଣସି ଶିକ୍ଷା ଦେବା ଆବଶ୍ୟକ ନାହିଁ, କେବଳ ତାଙ୍କର ଉପସ୍ଥିତି, ତାଙ୍କର ସଙ୍ଗଲାଭ ମଧ୍ୟ ଉନ୍ନତିପ୍ରଦ, ଉତ୍ସାହପ୍ରଦ ଓ ଚେତନାପ୍ରଦ ହୋଇଥାଏ । ଗୁରୁଙ୍କର ସାନ୍ନିଧ୍ୟରେ କେବଳ ବାସ କଲେ ବି ଆପଣଙ୍କର ଜ୍ଞାନଦୀପ ସ୍ୱତଃ ଜଳି ଉଠିବ । ଗୁରୁଙ୍କ ଗହଣରେ ବାସ କରିବା ହିଁ ଆଧ୍ୟାତ୍ମିକ ଶିକ୍ଷା । ଭଗବାନ ସର୍ବକାରଣର କାରଣ । ଦିବ୍ୟ ଜ୍ଞାନ ପ୍ରାପ୍ତି ପାଇଁ ଭଗବାନଙ୍କର ଶରଣ ନିଅ । ଯିଏ ପ୍ରକୃତ ଜ୍ଞାନର ଅଧିକାରୀ, ତାଙ୍କ ମାଧ୍ୟମରେ ଭଗବାନଙ୍କୁ ଜାଣ । ଏପରି ଜଣେ ଅଧିକାରୀଙ୍କୁ ବାଛ ଯିଏ ପ୍ରକୃତ ଗୁରୁ ଏବଂ ଯାହାଙ୍କୁ ପରମ ତତ୍ତ୍ୱ ଜଣା । ଯଦି ଏ ପ୍ରକାର ଆଚାର୍ଯ୍ୟଙ୍କୁ ପାଅ, ତାଙ୍କର ସେବା କର ଏବଂ ତାଙ୍କ ଶରଣରେ ରହିବା ଅର୍ଥ ଭଗବାନଙ୍କ ଶରଣାଧୀନ ହେବା । ଯଥାର୍ଥରେ ଶ୍ରୀମଦ ଭାଗବତରେ ଉଲ୍ଲେଖ ଅଛି – 'ଗୁରୁ ବଚନ କି କରିବ, ଯାହାର ଯେମନ୍ତ ସ୍ୱଭାବ । ତୋହାରି ମନ ତୋର ଗୁରୁ, ଉଦ୍ଧବ କେତେ ହେଁ ପଚାରୁ ।'

ଆଇନଜୀବୀ,
ଓଡ଼ିଶା ହାଇକୋର୍ଟ, କଟକ

# ମୁଁ ବଡ଼ି....


ଅପର୍ଣ୍ଣା ନାୟକ

ଓଡ଼ିଆ ମାନଙ୍କର ଗୋଟିଏ ବିଶେଷତ୍ୱ ହେଉଛି ସେମାନେ ଖାଦ୍ୟ-ପ୍ରିୟ । କିନ୍ତୁ ତାର ଅର୍ଥ ନୁହେଁ ଯେ ସେମାନେ ଦାମୀ ଖାଦ୍ୟ ଖାଇବାକୁ ଭଲପାଆନ୍ତି । ସହଜ, ସରଳ ଅଥଚ ପାଟିସୁଆଦ ଖାଦ୍ୟ ସେମାନଙ୍କର ପସନ୍ଦ । କୁହାଯାଏ ଯେ, ଗୋଟିଏ ଲୋକଗୋଷ୍ଠୀର ପରିଚୟ, ତାର ଖାଦ୍ୟ, ବେଶପଟା ଓ ଭାଷା ସାହିତ୍ୟରେ ସାମିଲ ହୋଇରହିଥାଏ । ଓଡ଼ିଆ ଖାଦ୍ୟ ସରଳ । ବଡ଼ି, ଆଚାର, ପିଠାପଣା, ଠୁକ୍‌ଠୁକା ଓ ବେସର, ଶାକର, ମହୁର ତଥା ଘାଂଟ ଭଳି ତରକାରି ଦେଖିଲେ ଜଣାପଡ଼େ, ଓଡ଼ିଆମାନେ କେବଳ ସରଳ ନୁହନ୍ତି, ସେମାନେ ସହଜ, ସାଧାରଣ ଓ କଳାପ୍ରିୟ ମଧ୍ୟ । ଏବେ ମୋ କଥା ମୁଁ କହିବି । ମୋର ନାଁ ହେଲା ବଡ଼ି । ଓଡ଼ିଆ ବ୍ୟଞ୍ଜନରେ ମୋର ପ୍ରଭାବ ସହର ଠାରୁ ଗାଁ ଯାଏ ପ୍ରସାରିତ । ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ମତେ ସେମାନେ କହନ୍ତି ନାଡ଼ି, କାରଣ ମୋର ସ୍ୱରୂପ ସେଠି ନାଡ଼ ଭଳି ମୋଡ଼ି ମୋଡ଼ିକା । ମତେ କିଏ ତରକାରି ବା ଘାଂଟରେ ପକାଇ ଖାଏ ତ କିଏ ଶାଗରେ ପାକାଇ ଖାଏ । ଆଉ କିଏ ପଖାଳ ସହ ମଜା ଉଠାଏ । ପଖାଳ ବଡ଼ା ହେବା ପୂର୍ବରୁ କେହି କେହି ଓଡ଼ିଆ ଫରମାସ କରିବା ମୁଁ ଶୁଣେ 'ପଖାଳ ସହ ମାସ ଭଜା କରିଛ ଯେ ହେଲେ ଶାଗ ବଡ଼ି, ଚୂରା କରିଛ ନା ନାହିଁ ?' ସତେ ଯେମିତି ଓଡ଼ିଆଙ୍କ ପାଖଳ ଖିଆ ସହ ମୁଁ ଅଙ୍ଗାଙ୍ଗିଭାବରେ ଜଡ଼ିତ ।

ମୋର କେତେ ପ୍ରକାର ନାଁ ଅଛି ଜାଣିଛ ତ? କଥାରୁ ବଡ଼ି, ଫୁଲ ବଡ଼ି, ମଞ୍ଜି ବଡ଼ି, ଆଖି ବଡ଼ି ଓ ରାଶି ବଡ଼ି ଭେଦରେ ମୋର ନାମ ଅନେକ । ସେମିତି ମୋର ଆକାର ବି ଭଳିକି ଭଳି । ଛୋଟ, ବଡ଼, ଚେପଟା ଓ ନାଡ ପରି ଲମ୍ବା । ମୋତେ ତିଆରି କରିବା ପାଇଁ ପାଣି କଖାରୁ ଅନ୍ତି ସହ ଦରକାରି ହୁଏ ବଟା ହୋଇଥିବା ବିରି । ବିରିକୁ ନୋଳରେ ନୋଳି ଯେତେ ଫଳ ଫଳିଆ କରାଯିବ ମୁଁ ସେତେ ସୁନ୍ଦର ଉତୁରିବି । ସେଇଥି ପାଇଁ ମତେ ତିଆରି କରିବା ଆଗରୁ ବଟା ବିରିକୁ ବହୁତ ସମୟ ଫେଣେଇବାକୁ ପଡ଼େ । ଏ କାମଟି ଗାଁ ଗହଳରେ ବୟସ୍କା ମା'ମାଉସୀମାନେ ଭାରି ସୁନ୍ଦର ଭାବେ କରିପାରନ୍ତି । ଟିଣ, କୁଲା, ଡାଏଲା ବା ମସିଣା ଉପରେ ପରିଷ୍କାର ଧଳା କନା ପକାଇ ଯେତେବେଳେ ମତେ ଗଢ଼ାଯାଏ, ତାହା ଦେଖିବାକୁ ଚମତ୍କାର ଲାଗେ । ମତେ ତିଆରି କଲାବେଳେ କୁହାଯାଏ, 'ଅମୁକ ବଡ଼ି ପାରୁଛି' । ଓଡ଼ିଆ ଭାଷାରେ ଏମିତି ବର୍ଣ୍ଣନା ପାଇଁ ମୁଁ ଖୁବ ଗର୍ବ ଅନୁଭବ କରେ । ଥରେ ପାରିଦେବା ପରେ ମତେ ଖରାରେ ଶୁଖେଇ ସିଦ୍ଧ କରିବା ଦରକାର ପଡ଼େ । ଆଚାର ଭଳି ମୁଁ ଏକ ସୌରରଶ୍ମି – ସିଦ୍ଧ ଖାଦ୍ୟ ପଦାର୍ଥ । ହେଲେ ମତେ ସିଧାସଳଖ ଖିଆଯାଏ ନାହିଁ । ମତେ ନେଇ ଏବେ କେଉଁଠି କେଉଁଠି କ୍ଷୁଦ୍ର ସହାୟକ ଗୋଷ୍ଠୀମାନେ କାରଖାନା ବସେଇଲେଣି । ବ୍ୟବସାୟ ବି ବେଶ ଜମିଲାଣି । ଗାଁ ଗହଳରେ କିଛି ଲୋଖ ଅଧିକ ପରିମାଣରେ ତିଆରି କରି ଦୁଇପଇସା ରୋଜଗାର କରିବାର ପନ୍ଥା ବି ବାହାର କଲେଣି ।

ଏଇଠି ଗୋଟିଏ ଜାଣିବା କଥା । ସବୁ ବିରିରେ ମୁଁ ଭଲ ପ୍ରସ୍ତୁତ ହୋଇପାରେନା । କେନ୍ଦୁଝର ଅଂଚଳରେ ଏକ ପ୍ରକାର ବିରି ଚାଷ ହୁଏ ଯାହାକି ମୋର ପ୍ରସ୍ତୁତି ପାଇଁ ବେଶ୍ ଅନୁକୂଳ । ସେଥିପାଇଁ ସାରା ଓଡ଼ିଶାରେ କେନ୍ଦୁଝରର ବଡ଼ି ପ୍ରସିଦ୍ଧ । ମାନେ ମୁଁ କେନ୍ଦୁଝର ଅଂଚଳର ଏକ ବିଶିଷ୍ଟ ବସ୍ତୁ । ଏସବୁ କଥା ତୁମ୍ଭେମାନେ ଜାଣିଛ କି ନାଇଁ କେ ଜାଣି ! ମୋର ଆଦର ସବୁଘରେ ଆଉ ଗରିବ ଠାରୁ ଧନୀ ସମସ୍ତଙ୍କ ପାଖରେ । ଆପଣ ମାନଙ୍କ ଘର ପିଣ୍ଡାରୁ ମୁଁ ଏବେ ଭାରତ ବାହାରେ ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଆଦର ପାଇଲିଣି । ବଡ଼ିକୁ ନେଇ ସରକାର ମଧ୍ୟ ପ୍ରୋତ୍ସାହନ ଦେଲେଣି ଅନେକ ମାଆ-ମାଉସୀ ମୋ ପ୍ରସ୍ତୁତିରେ ସେମାନଙ୍କ ନିତିଦିନିଆ ଗୁଜୁରାଣ ଚଳାଇବା ସହ ସ୍ୱାବଲମ୍ବୀ ହୋଇପାରୁଛି । ମୁଁ ଏପରି ଏକ ଖାଦ୍ୟ ଉପଯୋଗୀ ସାମଗ୍ରୀ ଯାହାକି ତାହାର ଶାରୀରିକ ଭାବେ କୌଣସି କ୍ଷତି କରିନଥାଏ । ମୋତେ ଆପଣ ଭୁଲନ୍ତୁ କି ନ ଭୁଲନ୍ତୁ ମୁଁ ହେଉଛି ଆପଣଙ୍କର ସେହି ପ୍ରିୟ ବଡ଼ି ।

ମେନ ସାଗର ପାନ ରୋଡ଼, ନଂ-୩,
ବାଲାଜୀ ଡିପାର୍ଟମେଂଟାଲ ଷ୍ଟୋର,
ନୂଆଦିଲ୍ଲୀ, ପିନ-୧୧୦୦୪୬

# ସଙ୍କଟରେ ପ୍ରକୃତି


ଇନ୍ଦୁ ଭୂଷଣ ଭୂୟାଁ (ବାଦଲ)

ପ୍ରଜାପତି ହେଉ ବା ଅନ୍ୟ କୀଟପତଙ୍ଗ ହୁଅନ୍ତୁ, ସେମାନଙ୍କର ସୁନ୍ଦର ଦୁନିଆ ଏବେ ସଙ୍କୁଚିତ ହେବାରେ ଲାଗିଛି । ଏହା କେବଳ ପ୍ରକୃତିର ସୌନ୍ଦର୍ଯ୍ୟ ପାଇଁ ନୁହେଁ, ମନୁଷ୍ୟର ଅସ୍ତିତ୍ୱ ପାଇଁ ମଧ୍ୟ ବିପଦର ସଙ୍କେତ । କୀଟପତଙ୍ଗ କେବଳ ଜୈବ ବିବିଧତାର ଅଂଶ ନୁହନ୍ତି । ସେମାନଙ୍କର ସଂଖ୍ୟା ବହୁଳତା ମନୁଷ୍ୟର ଅସ୍ତିତ୍ୱ ପାଇଁ ଖୁବ୍ ଜରୁରୀ । ମନୁଷ୍ୟର ଖାଦ୍ୟ ଉତ୍ପାଦନ ପାଇଁ ସେମାନେ ସାରା ଦିନ ଖୁବ୍ ପରିଶ୍ରମ କରନ୍ତି । ଫୁଲଟିଏ ଫଳ ପାଲଟିବା ପାଇଁ ଆବଶ୍ୟକ ପରାଗ ସଙ୍ଗମ ସଂପନ୍ନ ହୁଏ ସେମାନଙ୍କ ଦ୍ୱାରା । ଅନେକ ହୁଏତ ଜାଣିନଥିବେ କୀଟପତଙ୍ଗ ଦ୍ୱାରା ହେଉଥିବା ପ୍ରାକୃତିକ ପରାଗ ସଙ୍ଗମ ଯୋଗୁଁ ମନୁଷ୍ୟ ଜାତିକୁ ପ୍ରାୟ ୨୨୫ରୁ ୨୩୦ ନିୟୁତ ଡଲାର ପ୍ରକୃତିଦତ୍ତ ଖାଦ୍ୟ ଉପହାର ମିଳେ । ପରାଗ ସଙ୍ଗମରେ ସବୁଠାରୁ ସକ୍ରିୟ ଯୋଗଦାନ ଥିବା କୀଟପତଙ୍ଗ ମଧ୍ୟରେ ମହୁମାଛିର ସ୍ଥାନ ସବୁଠାରୁ ଆଗରେ । ଏହାପରେ ରହିଛି ପ୍ରଜାପତି ଏବଂ ଅନ୍ୟ କୀଟପତଙ୍ଗଙ୍କ ସ୍ଥାନ । ସବୁଠାରୁ ଚିନ୍ତାର ବିଷୟ ସାରା ବିଶ୍ୱରେ ବିଶେଷକରି ଆମେରିକା ଓ ୟୁରୋପରେ ମହୁମାଛିଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି । ସେମାନଙ୍କ ସଂଖ୍ୟା କମ୍ ହେବା ପ୍ରାକୃତିକ ମହୁ ଉତ୍ପାଦନକୁ ହ୍ରାସ କରିଛି । ଏଥିସହ ଫଳ ଓ ପନିପରିବା ଉତ୍ପାଦନ ମଧ୍ୟ କମ୍ କରିଛି । ବୈଜ୍ଞାନିକମାନେ ମଧ୍ୟ ମହୁମାଛିଙ୍କ ସଂଖ୍ୟା ଏତେ ଦ୍ରୁତ ଗତିରେ କାହିଁକି ହ୍ରାସ ପାଉଛି ତା'ର ରହସ୍ୟଭେଦ କରିପାରୁନାହାନ୍ତି । ତେବେ କୀଟନାଶକର ଅତ୍ୟଧିକ ବ୍ୟବହାର, ଗ୍ଲୋବାଲ ୱାର୍ମିଂ, ତେଜଷ୍କ୍ରିୟ ବିକିରଣ ଏବଂ ପରିବେଶ ପ୍ରଦୂଷଣ ମହୁମାଛିମାନଙ୍କ ସଂଖ୍ୟା ହ୍ରାସର ମୁଖ୍ୟ କାରଣ ମଧ୍ୟରୁ ଅନ୍ୟତମ ବୋଲି ପ୍ରକୃତିବିଦ୍ ମାନେ ମତ ଦିଅନ୍ତି । ଏହି ସଙ୍କଟକୁ ବର୍ତ୍ତମାନ ପର୍ଯ୍ୟନ୍ତ କୃଷିବିଦ୍‌ମାନେ ଗମ୍ଭୀରତାର ସହ ନେଇ ନାହାନ୍ତି । କାରଣ ଶସ୍ୟଜାତୀୟ ଫସଲର ଉତ୍ପାଦନ ନିମନ୍ତେ ବାହ୍ୟକାରକ ଆବଶ୍ୟକତା ନଥାଏ । ମାତ୍ର ଅନେକ ଫଳ ଓ ପନିପରିବା ପରାଗ ସଙ୍ଗମ କୀଟପତଙ୍ଗ ସହଯୋଗ ବିନା ସଂପୂର୍ଣ୍ଣ ହୋଇପାରେ ନାହିଁ ।

କୀଟପତଙ୍ଗ ସଂଖ୍ୟା ହ୍ରାସ କଖାରୁ, ପାଣିକଖାରୁ, ଲାଉ, ଭେଣ୍ଡି, ଲଙ୍କା, କାକୁଡ଼ି ଆଦି ପନିପରିବା, କମଳା, ପେସ୍ତାବାଦାମ ଆଦି ଫଳର ଉତ୍ପାଦନ ଉଲ୍ଲେଖନୀୟ ଭାବରେ ହ୍ରାସ କରିଛି । ଚୀନ ପରେ ଭାରତ ବିଶ୍ୱର ସବୁଠାରୁ ବଡ଼ ପନିପରିବା ଉତ୍ପାଦକ ଦେଶ । ଏଠି ପ୍ରତିବର୍ଷ ପ୍ରାୟ ୭୫ ଲକ୍ଷ ଟନ୍ ପନିପରିବା ଉତ୍ପାଦନ ହୁଏ । ଏହା ସାରା ବିଶ୍ୱର ପନିପରିବା ଉତ୍ପାଦନର ପ୍ରାୟ ୧୪ ପ୍ରତିଶତ । ପରିବା ବିନା ଭୋଜନ ବିଷୟରେ ଭାରତୀୟମାନେ ଚିନ୍ତା କରିପାରନ୍ତି ନାହିଁ । ଏ ସମ୍ପର୍କରେ ବିଶ୍ୱ ବିଖ୍ୟାତ ପତ୍ରିକା ଲାନସେଟର ତଥ୍ୟ ମୁତାବକ ଆମ ଜିଡ଼ିପିରେ କୃଷିର ଯୋଗଦାନ ୨୦ ପ୍ରତିଶତ । ପନିପରିବା ଓ ଫଳ ଉତ୍ପାଦନ କମ୍ ହେଲେ ଏହାର ପ୍ରଭାବ ସମାଧାନ କେବଳ ଇକୋ ଫ୍ରେଣ୍ଡଲି ଫାର୍ମିଂ ବୋଲି ଗବେଷଣାରୁ ଜଣାପଡ଼ିଛି । କୃଷିରେ ଜୈବିକ ଉର୍ବରକ ବ୍ୟବହାର କରିବା ଏବଂ ସେମାନଙ୍କ ପ୍ରାକୃତିକ ବାସସ୍ଥାନଗୁଡ଼ିକୁ ନଷ୍ଟ ନକରିବା ଦ୍ୱାରା ସେମାନଙ୍କ ସଂଖ୍ୟା ପୁଣି ଥରେ ବୃଦ୍ଧି କରାଯାଇପାରିବ । ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନର ରିପୋର୍ଟ ଅନୁଯାୟୀ ବିଶ୍ୱର ୧୫୦ଟି ଦେଶରେ ଖାଦ୍ୟଶସ୍ୟର ଶହେଟି ମୁଖ୍ୟ ପ୍ରଜାତି ବିଶ୍ୱର ୯୦ ପ୍ରତିଶତ ଜନସଂଖ୍ୟାର ଖାଦ୍ୟ ଆବଶ୍ୟକତା ପୂରଣ କରେ । ଏଗୁଡ଼ିକ ମଧ୍ୟରୁ ୭୧ଟି ପ୍ରଜାତି ଫସଲର ପରାଗ ସଙ୍ଗମ ମହୁମାଛି ଦ୍ୱାରା ହୋଇଥାଏ । ଏହି ସମସ୍ୟାକୁ ଗୁରୁତ୍ୱର ସହ ବିଚାର କରି ଏଫ୍‌ଏଓ ଭାରତ ସମେତ ୭ଟି ଦେଶର କୀଟପତଙ୍ଗ ସଂଖ୍ୟା ହ୍ରାସକୁ ରୋକିବା ଏବଂ ପରାଗ ସଙ୍ଗମ ପରିଚାଳନାକୁ ଦୃଢ଼ କରିବା ନିମନ୍ତେ ଏକ ପ୍ରୋଜେକ୍ଟ ଆରମ୍ଭ କରିଛନ୍ତି । କୀଟପତଙ୍ଗଙ୍କ ସଂଖ୍ୟା ହ୍ରାସ ସମସ୍ୟା ବିଶ୍ୱ ପାଇଁ ଖାଦ୍ୟାଭାବ ସୃଷ୍ଟି କରିବ ବୋଲି ଏଫ୍‌ଏଓ ଚେତାବନୀ ଦେଇଛି । ଭାତ ହାଣ୍ଡିରୁ ଗୋଟିଏ ପରି ପ୍ରଜାପତିର ଉଦାହରଣଟିଏ ଏଠାରେ ରଖୁଛୁ । ଫୁଲରୁ ଫୁଲକୁ ଉଡି ପ୍ରଜାପତି ମହୁ ଶୋଷିନିଏ । ସୂକ୍ଷ୍ମ ତଥା ଚିତ୍ରିତ ଡେଣାଧାରୀ ସବୁ ପ୍ରଜାପତିଙ୍କ ଜୀବନରେ ରହିଛି ଗୋଟାଏ ରୂପାନ୍ତରଣ କାହାଣୀ । ମାଟି ଓ ଗଛବୃକ୍ଷରେ ଘୁଷୁରି ଘୁଷୁରି ଚାଲି ମନରେ ଭୟ ସଂଚାର କରୁଥିବା ସଁବାଳୁଆ ହେଉଛି ପ୍ରଜାପତିର ପୂର୍ବ ରୂପ । ପ୍ରଜାପତିମାନେ ଯେତିକି ଆକର୍ଷଣୀୟ ପ୍ରକୃତି ସଂରକ୍ଷଣ ଦୃଷ୍ଟିରୁ ସେତିକି ଗୁରୁତ୍ୱପୂର୍ଣ୍ଣ ମଧ୍ୟ । ଶାରୀରିକ ସୌନ୍ଦର୍ଯ୍ୟ ବ୍ୟତୀତ ପ୍ରଜାପତି ପରିସଂସ୍ଥାନର ଏକ ଅପରିହାର୍ଯ୍ୟ ଅଂଶ ।

ପରାଗ ସଙ୍ଗମକାରୀ ରୂପେ ପ୍ରଜାପତିମାନେ ଉଦ୍ଭିଦ ପ୍ରଜନନ ଏବଂ ଗୁଣସୂତ୍ର ବିବିଧତା ବଜାୟ ରଖନ୍ତି । ଲାର୍ଭା ଅବସ୍ଥାରେ ଥିବାବେଳେ ପ୍ରଜାପତି ଉଦ୍ଭିଦ ଭକ୍ଷଣ କରିବା ଯୋଗୁଁ ସେସବୁ ନିୟନ୍ତ୍ରିତ ହୋଇ ରହେ । ଲାର୍ଭା ବଡ଼ ହୋଇ ସଁବାଳୁଆ ହେଲେ ଚଢ଼େଇ, ବୁଢ଼ିଆଣୀ ଓ ଅନ୍ୟାନ୍ୟ ଶିକାରୀ ଜୀବଙ୍କ ଆହାର ହୁଏ । ପ୍ରଜାପତିଙ୍କ ଆବସସ୍ଥଳୀ ଓ ଜଳବାୟୁ ଆବଶ୍ୟକତା ବେଶ ନିର୍ଦ୍ଦିଷ୍ଟ । ପ୍ରାକୃତିକ ପରିବେଶରେ ସାମାନ୍ୟ ବ୍ୟତିକ୍ରମ ଘଟିଲେ ପ୍ରଜାପତିମାନେ ବିଶେଷ ପ୍ରଭାବିତ ହୁଅନ୍ତି । ଏହି ସମ୍ବେଦନଶୀଳତା ଯୋଗୁଁ ପ୍ରଜାପତିମାନେ ପରିସଂସ୍ଥାନ ଓ ଜଳବାୟୁ ପରିବର୍ତ୍ତନ ପ୍ରଭାବର ଏକ ଗୁରୁତ୍ୱପୂର୍ଣ୍ଣ ସୂଚକ ଭାବେ କାର୍ଯ୍ୟ କରନ୍ତି । ଭାରତର ମୁଖ୍ୟ ଭୂଖଣ୍ଡରେ ପ୍ରାୟ ୧୫୦୦ ଜାତିର ପ୍ରଜାପତି ଅଛନ୍ତି । ଏମାନଙ୍କ ମଧ୍ୟରୁ ୬୭% ଭାରତୀୟ ହିମାଳୟ ଅଂଚଳରେ ଦେଖାଯାଆନ୍ତି । ପ୍ରଜାପତି ମାନଙ୍କର ଏପରି ବିବିଧତା ପ୍ରତ୍ୟକ୍ଷ ଭାବେ ହିମାଳୟ ଅଂଚଳର ସ୍ଥାନଭିତିକ ବିବିଧତା ସହ ସଂପୃକ୍ତ, ଯାହା ସମୁଦ୍ର ପତନଠାରୁ ବିଭିନ୍ନ ଉଚ୍ଚତାରେ ଅସଂଖ୍ୟ ଆବାସସ୍ଥଳୀ ସୃଷ୍ଟି କରିଥାଏ । ସ୍ଥାନୀୟ ପ୍ରକୃତି ସହିତ ଖାପ ଖାଇଲା ଭଳି ପ୍ରଜାପତିର ରଙ୍ଗ ଓ ଡେଣାରେ ଚିତ୍ର ହୋଇଥାଏ । ଡାର୍କ କ୍ଲାଉଡେଡ଼ ୟେଲୋ ଭଳି ପ୍ରଜାପତି ଅଧିକ ସୂର୍ଯ୍ୟକିରଣ ଶୋଷଣ କରିପାରେ । ଏଥିସହ ଏ ପ୍ରଜାପତି ପୋଲାରାଇଜଡ଼ ଆଲୋକ ବ୍ୟବହାର କରି ମେଘୁଆ ପାଗରେ ମଧ୍ୟ ବାଟ ଜାଣିପାରନ୍ତି ଏବଂ ଅଧିକ ମହୁଥିବା ଫୁଲ ଗୁଡ଼ିକୁ ଚିହ୍ନଟ କରିପାରନ୍ତି । ଫଳରେ ସବୁ ସମୟରେ ପରାଗସଙ୍ଗମ ସମ୍ଭବ ହୁଏ । ଶିକାରୀ କବଳରୁ ରକ୍ଷା ପାଇବା ପାଇଁ କମନ ଓ୍ୱିଣ୍ଡମିଲ ଜାତିର ପ୍ରଜାପତିମାନେ ଲାର୍ଭା ଅବସ୍ଥାରେ ଆଶ୍ରୟ ନେଇଥିବା ଗଛରୁ ବିଷାକ୍ତ ରସାୟନ ସଂଶ୍ଲେଷଣ କରି ନିଜ ଦେହରେ ସାଇତି ରଖିଥାଆନ୍ତି । ଫଳରେ ଲାର୍ଭା ଓ ପରେ ସଁବାଳୁଆ ଶିକାରୀ ଜୀବଙ୍କ ଖାଦ୍ୟ ଅନୁପଯୁକ୍ତ ହୋଇଯାଏ । ଜଳବାୟୁ ପରିବର୍ତ୍ତନ ବହୁ ଜାତିଙ୍କ ଅସ୍ତିତ୍ୱକୁ ସଂକଟରେ ପକାଇଛି । ବିଶେଷକରି, ସଂକୀର୍ଣ୍ଣ ପରିସଂସ୍ଥାନୀୟ କ୍ଷେତ୍ର କିମ୍ବା ଏକ ନିର୍ଦ୍ଦିଷ୍ଟ ଆଶ୍ରୟଦାୟୀ ବୃକ୍ଷ ବା ଜଳବାୟୁ ଆବଶ୍ୟକ କରୁଥିବା ପ୍ରଜାପତିର ଜୀବନ ଧାରଣ ଆଜି ବିପଦ ପ୍ରବଣ । ତାପମାତ୍ରା ବୃଦ୍ଧି ପ୍ରଜାପତି ଜୀବନ ଚକ୍ରକୁ ଅଧିକ ଘାତକ କରିଦେଲାଣି । ଉତାପ ବୃଦ୍ଧି କାରଣରୁ କେତେକ ପ୍ରଜାପତିଙ୍କ ଆଶ୍ରୟ ପ୍ରଦାନକାରୀ ଗଛ ସବୁର ବିସ୍ତାରରେ ପରିବର୍ତ୍ତନ ଘଟୁଛି ଏବଂ ସେଗୁଡ଼ିକ ଉଚ୍ଚତର ସ୍ଥାନରେ ଦୃଶ୍ୟମାନ ହେଉଛନ୍ତି । ଅନ୍ୟାନ୍ୟ ମାନବୀୟ କାର୍ଯ୍ୟକଳାପ ସକାଶେ ମଧ୍ୟ ପ୍ରଜାପତିଙ୍କର ପ୍ରାକୃତିକ ଆବାସସ୍ଥଳୀ ଅବକ୍ଷୟ ହେଉଛି । କୃଷି ଓ ଭିତିଭୂମି ସଂପ୍ରସାରଣ ସେମାନଙ୍କର ବାସ ସ୍ଥାନ ଖଣ୍ଡବିଖଣ୍ଡନ କାର୍ଯ୍ୟ ତ୍ୱରାନ୍ୱିତ କରୁଛି । ପ୍ରକୃତି ସଂରକ୍ଷଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଏହି ସୁକୁମାର ତଥା ସୁନ୍ଦର ପତଙ୍ଗ ଆଜି ପ୍ରକୃତିରେ ତିଷ୍ଠି ରହିବାକୁ ସଂଗ୍ରାମ କରୁଛି । ପ୍ରକୃତିର ଅମୂଲ୍ୟ ଦାନ ପ୍ରଜାପତିମାନେ ନିରବରେ ଉଭେଇ ଯାଉଥିବା କଥା ଆଜି ଲୋକଲୋଚନକୁ ଆସିପାରୁ ନାହିଁ ।

ସର୍ବେକ୍ଷଣରୁ ଜଣାପଡ଼ିଛି ବ୍ରିଟେନ୍, ଆମେରିକା ପରି କିଛି ବିକଶିତ ରାଷ୍ଟ୍ରରେ ୨୦୨୨ ଓ ୨୦୨୩ ମସିହାରେ ମହୁମାଛିଙ୍କ ସଂଖ୍ୟା ୩୦ ପ୍ରତିଶତ ହ୍ରାସ ପାଇଛି । ଇଟାଲୀରେ ଏମାନଙ୍କ ସଂଖ୍ୟା ୪୦ରୁ ୫୦ ପ୍ରତିଶତ ହ୍ରାସ ପାଇଛି । ଭାରତରେ ମଧ୍ୟ ସେମାନଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି । ଭାରତରେ ସବୁଜ ବିପ୍ଳବର ସ୍ୱପ୍ନକୁ ସାକାର କରିବା ପାଇଁ ରାସାୟନିକ ସାର ଓ କୀଟନାଶକର ବହୁଳ ବ୍ୟବହାର ହେଉଛି । ସାର ଯୋଗୁଁ ମାଟିର ମାନ ହ୍ରାସ ପାଉଛି । କୀଟନାଶକ ହିତକାରୀ କୀଟପତଙ୍ଗ ପାଇଁ ବିପଦ ସୃଷ୍ଟି କରୁଛି । ଏହା ବ୍ୟତୀତ ପ୍ରଦୂଷଣ ଓ ଗ୍ଲୋବାଲ ୱାର୍ମିଂ ମଧ୍ୟ କୀଟପତଙ୍ଗ ସଂଖ୍ୟା ହ୍ରାସ କରୁଛି । ହିମାଳୟ ଅଂଚଳ ମଧ୍ୟ ଗ୍ଲୋବାଲ ୱାର୍ମିଂ ସମସ୍ୟାରୁ ମୁକ୍ତ ନୁହେଁ । ଏହି ଅଂଚଳରେ ଜଳ ବିଦ୍ୟୁତ୍ ପରିଯୋଜନା ପାଇଁ ନିର୍ମାଣ ହୋଇଥିବା ଯୋଗୁଁ ତାପମାତ୍ରା ବଢ଼ୁଛି । ଏହି ତାପ ବୃଦ୍ଧିକୁ ସ୍ଥାନୀୟ କୀଟପତଙ୍ଗ ସହ୍ୟ କରିପାରୁ ନାହାନ୍ତି । ଏବେ କେବଳ ପରିବେଶବିତ୍ ନୁହନ୍ତି, କୃଷି ବିଜ୍ଞାନୀମାନେ ମଧ୍ୟ ଏହି ସମସ୍ୟାକୁ ବୁଝିବାରେ ଲାଗିଲେଣି । ଏବେ ସାଧାରଣ ଲୋକେ ଏହାକୁ ବୁଝିବାର ସମୟ ଆସିଯାଇଛି ।

ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍', ପୁରୁଣା ସୋନାରି, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨

# ପରମ୍ପରାରେ ଭାଗବତ ଟୁଙ୍ଗୀ


ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

**'ପରମଶାସ୍ତ୍ର ଭାଗବତ, ଅଭ୍ୟାସ କରୁଥିବ ନିତ୍ୟ....'**

ମଣିଷର ଭାବକୁ ଯେ ପ୍ରକାଶିତ କରି ପ୍ରତିକ୍ଷଣରେ ସୁମାର୍ଗରେ ପରିଚାଳିତ କରିବାର ନିର୍ଦ୍ଦେଶନ ଦିଏ ତାହା ହେଉଛି ଭାଗବତ । ଭାଗବତ ଜୀବନର ଗ୍ରନ୍ଥ । ଭାଗବତ ଚଳଣୀର ଚଳତ୍‌ମାନ ପ୍ରବାହ । ତାହା କେବଳ ଅନୁକରଣୀୟ ନୁହେଁ, ଅନୁସରଣୀୟ ମଧ୍ୟ । ଶ୍ରୀଜଗନ୍ନାଥ ଦାସ ଲେଖିଥିଲେ 'ପରମଶାସ୍ତ୍ର ଭାଗବତ, ଅଭ୍ୟାସ କରୁଥିବ ନିତ୍ୟ ।' ଜୀବନକୁ ସୁମାର୍ଗରେ ପରିଚାଳିତ କରିବାରେ ଭାଗବତ ହିଁ ସାହାଯ୍ୟ କରିଥାଏ । ଏହି ଭାଗବତକୁ କୁହାଯାଏ ପରମ ଶାସ୍ତ୍ର । ଭାଗବତର ପ୍ରାଧାନ୍ୟତାକୁ ଉପଲବ୍ଧି କରିବା ପାଇଁ ତାହାକୁ ଜୀବନ ଗ୍ରନ୍ଥରେ ପରିଣତ କରିବା ପାଇଁ, ଆଚରଣଶୀଳ କରାଇବା ପାଇଁ ପ୍ରତି ବର୍ଷ ପାଳିତ ହୁଏ ଭାଗବତଜନ୍ମ । ଭାଗବତ ଜନ୍ମରେ ଅନେକ ଲୋକ ଆନୁଷ୍ଠାନିକ ଭାବରେ ଭାଗବତ ପାଠ ଆରମ୍ଭ କରନ୍ତି ଏବଂ ପ୍ରତିଦିନ ଏକ ଅଧ୍ୟାୟ ପାଠକରି ପୁଣି ଭାଗବତ ଜନ୍ମ ଉତ୍ସବରେ ତାହାକୁ ବଢ଼ାଇ ଥାଆନ୍ତି । ଏହି ଦିନକୁ ମଧ୍ୟ କୁହାଯାଏ ଭାଗବତ ବଢ଼ା । ଏହି ଦିନ ଭାଗବତ ବଢ଼ିଥାଏ । ଶ୍ରୀମଦ୍‌ଭାଗବତ ମହାପୁରାଣ ଲେଖା ହେବାର ପୃଷ୍ଠଭୂମିରେ ରହିଛି ବ୍ୟାସଦେବଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମସ୍ତ ପୁରାଣ ଶାସ୍ତ୍ର, ବେଦ ଇତ୍ୟାଦି ସୃଷ୍ଟିକରି ସାରିଲା ପରେ ବ୍ୟାସଦେବ ମାନସିକ ସ୍ତରରେ ଶାନ୍ତି ପାଇଲେ ନାହିଁ । ଦେବର୍ଷି ନାରଦ ତାଙ୍କୁ ପ୍ରେରଣା ଦେଲେ ଯେ ଭାଗବତ ସୃଷ୍ଟି କରିବା ପାଇଁ । ଏହି ଆଷାଢ଼ ପୂର୍ଣ୍ଣମୀ ଦିନ ବ୍ୟାସଦେବ ଗଙ୍ଗାନଦୀ ତଟରେ ଶମ୍ୟାପାସ ନାମରେ ଆଶ୍ରମରେ ଭାଗବତର ଅମୃତୋପମ କଥା, ଗାଥାକୁ ରଚନା କରିବାକୁ ଲାଗିଲେ । ସେଦିନ ଥିଲା ପବିତ୍ର ଭାଦ୍ରବ ପୂର୍ଣ୍ଣମା ତିଥି । ବ୍ୟାସଦେବ ଧ୍ୟାନସ୍ଥ ହୋଇ ସମଗ୍ର ଐଶୀଲୀଳାକୁ ଅବଲୋକନ କଲେ । ଏହାପରେ ରଚନା କଲେ ଭାଗବତ । ଭାଗବତ ରଚନାକଲାପରେ ପ୍ରଦାନ କଲେ ପୁତ୍ର ଶକୁଦେବଙ୍କୁ । ଶୁକଦେବ ଶୁଣିଲେ ଭାଗବତର ଅମୂଲ୍ୟଗାଥା । ତାହା କ୍ରମେ ସୁତ ଓ ଶୌନକ ମୁନିଙ୍କ ନିକଟକୁ ଆସିଲା ପର୍ଯ୍ୟାୟକ୍ରମେ ଭାଗବତର କଥାବସ୍ତୁ ।

ଆଜି ଆମେ ବୈଜ୍ଞାନିକ ଯୁଗର ମଣିଷ । ପ୍ରତିଟି କ୍ଷେତ୍ରରେ ପରୀକ୍ଷା ନିରୀକ୍ଷା କରିଚାଲିଛେ । ହେଲେ ଆମର ପରମ୍ପରା ଏପାଖରେ ଭୁଷୁଡ଼ି ପଡ଼ିଛି । ଭାଗବତ ଟୁଙ୍ଗୀ ଆଜି ସ୍ୱପ୍ନ ହେବାକୁ ବସିଲାଣି । ବିଲୁପ୍ତ ପ୍ରାୟ । ପ୍ରତ୍ୟେକ ସ୍ଥଳରେ ଆଧୁନିକତାର ବିଜୟ ନିଶାଣ ପ୍ରତିଧ୍ୱନିତ । ଏବେ ମିଞ୍ଜି ମିଞ୍ଜି ଦୀପ ଆଲୋକରେ ପୁରାଣ ପଣ୍ଡାଙ୍କ ଭାଗବତର ପଦ ଆଉ ଶୁଣାଯାଉନାହିଁ । ଭାଗବତ ଟୁଙ୍ଗୀ ଏବେ ପକ୍କା କୋଠା ଏବଂ ବିଜୁଳି ଆଲୋକରେ ଝଟକୁଛି । ସେଦିନର ଭାଗବତ ଗାଦୀ ଅଛି । ସଂସ୍କୃତି ଓ ପରମ୍ପରା ଏବେ ଭୂଲୁଣ୍ଠିତ । ପୂର୍ବପରି ଭାଗବତ ଟୁଙ୍ଗୀରେ ଆଉ ନ୍ୟାୟ ନିଶାପ ହେଉନାହିଁ କିମ୍ବା ଚାଷବାସ ସମ୍ବନ୍ଧରେ ଆଲୋଚନା ହେଉନାହିଁ । ଯୁଗ ବଦଳିଛି । ଆମକୁ ଇଲେକ୍‌ଟ୍ରୋନିକ ମିଡ଼ିଆ କିମିଆଁ କରିଛି । ପୂର୍ବପରି ପାରିବାରିକ ସମ୍ପର୍କରେ ସ୍ନେହ ଶ୍ରଦ୍ଧା କ୍ଷୀଣ ହୋଇ ଆସିଲାଣି । ସାହି ସାହି ମଧ୍ୟରେ ରାଜନୀତିକୁ ନେଇ ସୃଷ୍ଟି ହୋଇଛି ଫାଟ । ପ୍ରଥା ଓ ପରମ୍ପରାକୁ ପାଶୋରି ଦେଇ ପାଶ୍ଚାତ୍ୟର ଶ୍ରୋତାରେ ଭାସିଯିବା ଆମର ପ୍ରଗତିର ନୁହେଁ । ଦୁର୍ଗତିର ଲକ୍ଷଣ ନିଶ୍ଚୟ । ଆଧୁନିକତାର ଶୀର୍ଷରେ ଏବେ ଆମ ସମାଜ । ବିଜ୍ଞାନର ଜୟ ଧ୍ୱଜା ଉଡ଼ାଇ ଆମେ ଏବେ ଗର୍ବିତ । ଜୀବନରେ ପ୍ରତିଟି କଥାକୁ ଯୁକ୍ତି ଏବଂ ବିଜ୍ଞାନର ମାପକାଠିରେ ମାପି ବସିଛୁ । ଅବିଶ୍ୱାସ ଆମ ଚିରସହଚର । ପ୍ରତିଟି କ୍ଷେତ୍ରରେ ଚାହୁଁଛୁ ପ୍ରମାଣ ଆଉ ଯୁକ୍ତି । ପ୍ରମାଣ ସିଦ୍ଧ କଥାକୁ ସହଜରେ ବିଶ୍ୱାସ କରିନେଉଛୁ । ଯାହାର ପରିମାଣ ଆମେ ଆଜି ଭୋଗ କରୁଛୁ । ମଣିଷ ମଣିଷ ଭିତରେ ବିଶ୍ୱାସ ତୁଟିଗଲେ ଛିଡ଼ିଯାଏ ସମ୍ପର୍କର ସୂତାଖିଅ । ଭାଙ୍ଗିଯାଏ ସମ୍ପର୍କର ସୂତାଖିଅ । ଭାଙ୍ଗିଯାଏ ବିଶ୍ୱାସର ସେଇ ନଭଶ୍ଚୁମ୍ବୀ ଅଟ୍ଟାଳିକା । ଆଉ ଗଢ଼ି ଉଠେ ଅବିଶ୍ୱାସର ଏକ କାଳିମାମୟ ଭୂତକୋଠୀ । ସେହି ବାତାବରଣରେ ମିଳେ କେବଳ ଅଶାନ୍ତି ଆଉ ଦୁଃଖ । ଦୁଃଖ ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ଅତୀତରେ ଲୋକମାନେ ଯେଉଁ ପ୍ରଥା / ପରମ୍ପରା ଅବଲମ୍ବନ କରୁଥିଲେ ଆମେ ସେ ସବୁକୁ ଲିଭାଇବାକୁ ବସିଲୁଣି । ଯେମିତି ଭାଗବତ ଟୁଙ୍ଗି । ଏହି ଭାଗବତ ଟୁଙ୍ଗି ଝାଟି ମାଟି ନଡ଼ାଛପର ଘରଟିଏ ଥିଲ ।। ସଞ୍ଜ ନଇଁଗଲେ ଏଠି ଦୀପବତୀ ଜଳାଇ ଦିଆଯାଏ । ହେଁସ ମଶିଣା ବିଛାଇ ଦିଆଯାଏ । ଗାଁର ଲୋକମାନେ ଶୁଦ୍ଧ ଶୌଚ ଭାବରେ ଧୂଆଧୋଇ ହୋଇ ଚାଲି ଆସନ୍ତି ଏଠାକୁ । ଶଙ୍ଖ, ହୁଳହୁଳି, ହରିବୋଲ ଧ୍ୱନିରେ ମୁଖରିତ ହୁଏ ପରିବେଶ । ପୁରାଣ ପଣ୍ଡାଙ୍କ କଣ୍ଠରୁ ଭାସିଆସେ ଭାଗବତର ଅମୂଲ୍ୟ ପଙ୍‌କ୍ତି । ଗୋବିନ୍ଦ ଗୋବିନ୍ଦ ଗୋବିନ୍ଦ । ପଦୁ ଗଳୁଛି ମକରନ୍ଦ । ସେ ମକରନ୍ଦ ପାନ କରି, ହେଲେ ତରିଲେ ବ୍ରଜନାରୀ । କହଇ ଜଗନ୍ନାଥ ଦାସ, ମୂଳଟି ଅଟଇ ବିଶ୍ୱାସ । ଏହି ଭାଗବତର ପଦଭିତରେ ଥାଏ ଲୋକଶିକ୍ଷା, ସାମାଜିକ ଚଳଣି ଏବଂ ବିଭିନ୍ନ ନୀତି ନିୟମ । ମଣିଷ ମଣିଷ ଭିତରେ ସ୍ନେହ ସୌହାର୍ଦ୍ଦ୍ୟ ବଢ଼ାଇବା ପାଇଁ ଭାଗବତ ପଦ ବାରମ୍ବାର ସୂଚନା ଦିଏ ଯେପରି – ଯେ ପାଂଚ ପରର ମନ୍ଦ, ତା ପାଇଁ ପାଂଚନ୍ତି ଗୋବିନ୍ଦ । ଭାଗବତ ଟୁଙ୍ଗୀ ଯେ ଗାଁ ମଝିରେ ବା ସାହି ଭିତରେ ଗୋଟିଏ ନଡ଼ା ଛପର କୁଡ଼ିଆଟିଏ ଥିଲା ତାହା ନୁହେଁ ବରଂ ଏହା ଥିଲା ଗୋଟିଏ ନ୍ୟାୟାଳୟ । ପରସ୍ପର ମଧ୍ୟରେ ଝଗଡ଼ା ଝାଟିର ସମାଧାନ ହୁଏ ଏହି ଭାଗବତ ଟୁଙ୍ଗୀରେ । ଭାଗବତ ଟୁଙ୍ଗୀରେ ପୁଣି ବନ୍ଧୁ ବନ୍ଧାଯାଏ । ସମସ୍ତ ମତାନ୍ତର ଓ ମନାନ୍ତରର ସମାଧାନ ହୁଏ ଏହି ଭାଗବତ ଟୁଙ୍ଗୀରେ । ଭାଇ ଭାଇ ଭିତରର ବିଭେଦ ଦୂରୀଭୂତ ହୁଏ ଏହିଠାରେ । ଦୀପଶିଖା ଏବଂ ଭାଗବତ ଗାଦୀକୁ ସାକ୍ଷୀ ରଖି ଭୁଲର ପୁନରାବୃତି ନକରିବାକୁ ଶପଥ ନିଅନ୍ତି ଦୋଷୀ । ଭାଗବତ ଟୁଙ୍ଗୀ ଥିଲା ଅତୀତର ଅତିଥିଶାଳା । ଦୂର ବାଟୋଇଟିଏ ସଞ୍ଜ ହେଲେ ଏଇଠି ଆଶ୍ରୟ ନେଉଥିଲା । ପୁଣି ରାତି ପାହିଲେ ଫେରିଯାଉଥିଲା ଗନ୍ତବ୍ୟ ପଥରେ । ଅତିଥି ସତ୍କାର କରିବାକୁ ସାହିର ଲୋକମାନେ ଅତିଥିଙ୍କୁ ବାଢ଼ି ଦିଅନ୍ତି ଛଅ ତରକାରୀ ନଅ ଭଜା । ସେ କାଳର ଭାଗବତ ଘର ଥିଲା ମନୋରଞ୍ଜନ ସ୍ଥଳୀ । ଭାଗବତ ପରେ ପରେ ଆରମ୍ଭ ହୁଏ କୀର୍ତ୍ତନ ଏବଂ ପରେ ପରେ ଜନସାଧାରଣଙ୍କର ଭଲମନ୍ଦ କଥା । ଏଠାରେ ପର ନିନ୍ଦା ପରଚର୍ଚ୍ଚା କରିବାକୁ ଦିଆଯାଉନଥିଲା । ସନ୍ଧ୍ୟାରେ କୀର୍ତ୍ତନରେ କିଛି ସମୟ ବିତାଇ ଦେଲେ ଲୋକମାନଙ୍କର ମନ ଖୁସି ହୋଇଯାଏ । ଭୁଲି ହୋଇଯାଏ ଦିନମାନର ପରିଶ୍ରମ । କେବଳ ସେତିକି ନୁହେଁ, ଭାଗବତ ଗୃହ ଥିଲା ଏକ ଶିକ୍ଷାୟତ । ନିରକ୍ଷର ଲୋକମାନେ ଏଇଠି ସାକ୍ଷର ହେଉଥିଲେ । ଦୀପ ଆଲୁଅରେ ମାଟି ସ୍ଲେଟ ଓ ଖଡ଼ି ସାହାଯ୍ୟରେ ଲେଖୁଥିଲେ ବର୍ଣ୍ଣମାଳା । ଆଉ କେତେଜଣ ନିଜର ନାଁ ଦସ୍ତଖତ ଶିଖୁଥିଲେ । ସବୁଠୁ ଭଲ କଥା ହେଲା ପୂର୍ବସନ୍ଧ୍ୟାରେ ଭାଗବତ ଗୃହରେ ପୁରାଣ ପଣ୍ଡା ଯାହା ଆଲୋଚନା କରୁଥିଲେ ସେ ସବୁ ପୁଣି ଆଲୋଚିତ ହେଉଥିଲା କର୍ମକ୍ଷେତ୍ରରେ । ଏହା ଥିଲା ଭାଗବତ ଟୁଙ୍ଗୀର ପାଠପଢ଼ା । ଭାଗବତ ଟୁଙ୍ଗୀ ଥିଲା ତୁଟୁକା ରୋଗର ଚିକିତ୍ସାଳୟ । ବିଭିନ୍ନ ପ୍ରକାର ରୋଗର ଚିକିତ୍ସା ପାଇଁ ଗାଁର ପୁରୁଖା ଲୋକମାନେ ଜଡ଼ିବୁଟୀ ବା ଚେରମୂଳୀର ଔଷଧ ବତାଇ ଦେଉଥିଲେ । ତାକୁ ବ୍ୟବହାର କରି ଲୋକେ ଅନେକ ମାରାତ୍ମକ ବ୍ୟାଧିରୁ ମଧ୍ୟ ମୁକ୍ତିଲାଭ କରୁଥିଲେ ।

ଭାଗବତ ଟୁଙ୍ଗୀ ଯେ କେବଳ ଭାଗବତ ଟୁଙ୍ଗୀ ହୋଇ ରହିଥିଲା, ତାହା ନୁହେଁ । ଏହା ଥିଲା ସାହିର ପ୍ରାଣକେନ୍ଦ୍ର । ଏବେ ସମୟ ବଦଳିଛି । ବଦଳିଛି ପ୍ରଥା ଆଉ ପରମ୍ପରା । ନୂଆ ମୋଡ଼ ନେଇଛି ଚାଲି, ଚଳଣୀ ଆଉ ଆଚାର ବ୍ୟବହାର । ପୁରୁଖା ଲୋକଙ୍କୁ ଭାଗବତ ଗାଦିର କଥା କହିଲେ, ସେମାନେ ଅତୀତକୁ ସ୍ୱପ୍ନରେ ସୁଦ୍ଧା ପାଉନାହାନ୍ତି ବୋଲି କହନ୍ତି । ଆଉ ଅତୀତକୁ ହରାଇ ବର୍ତ୍ତମାନର ମାଇଲ ଖୁଂଟି ନିକଟରେ ଦଣ୍ଡାୟମାନ ବ୍ୟକ୍ତି ଚାହିଁଥାଏ ଆଗାମୀ ସୂର୍ଯ୍ୟାସ୍ତକୁ । ଜୀବନର ଅସ୍ତକାଳୀନ ସୂର୍ଯ୍ୟ କିରଣରେ ସବୁକିଛି ଝାପ୍‌ସା ଦେଖାଯାଏ । ଅତୀତର କଥାପେଡ଼ିକୁ ଖୋଲି ବସିଲେ ତାହା ପୁରାଣ ହୋଇଯାଏ । ସତରେ ସେ ସମୟ କାହିଁ ? ଯେଉଁଠି ସୁନାର ଇତିହାସ ରଚିତ ହୋଇଥିଲା ସେ ବେଳ ଚାଲିଯାଇଛି । ଗୋବିନ୍ଦ ଗୋବିନ୍ଦ ଗୋବିନ୍ଦ / ପଦୁ ଗଳୁଛି ମକରନ୍ଦ ଧ୍ୱନି କ୍ରମଶଃ କ୍ଷୀଣ ପ୍ରାୟ । ଏବେ ଭାଗବତ ଟୁଙ୍ଗୀ ନାହିଁ କିମ୍ବା ନଡ଼ା ଛପର ଘର ନାହିଁ । ଭାଗବତ ପାଠ କେବଳ ଆଧ୍ୟାତ୍ମିକତା ନଥିଲା ବରଂ ଏହା ଉତପ୍ରେରଣ ଯୋଗାଇଥିଲା ସ୍ୱାକ୍ଷରତା ଅଭିଯାନ ପାଇଁ । ଯେଉଁଥିରେ ପୁରୁଣା ଚାଟଶାଳୀ ଜନଶିକ୍ଷା ନିମତ ରହିଥିବା ମିଶାଣ, ଫେଡ଼ାଣ, ଗୁଣନ ଓ ହରଣ ଭରି ରହିଥିଲା । ଜୀବନର ଅକ୍ଷର ଶିଖିବା ପରେ ଭାଗବତ ପାଠ କରିପାରିଲେ ଏହାଥିଲା ଜଣଙ୍କର ଜୀବନର କୃତାର୍ଥ । ଭଗବତ ବିଗ୍ରହ ସାକ୍ଷାତ ହେଉଛି ଶ୍ରୀମଦ୍ ଭଗବତ । ଏବେ ବି ଗ୍ରାମ ଗ୍ରାମରେ ଗାଦିପୂଜା ପ୍ରଚଳିତ । ଗାଦି ଗୋସେଇଁ ଆଉ ପୋଥି ଗୋସେଇଁଙ୍କୁ ଛୁଇଁ ଦେବା ମହାପାପ ଆଉ କଳି କଜିଆ ଲାଗିଲେ ଦୁଇପକ୍ଷଙ୍କ ଆପୋଷ ସମାଧାନ ବା ଝଗଡ଼ା ଏହିଠାରେ ହିଁ ମେଂଟି ଯାଉଥିଲା । ଭାଗବତର ଭାବନା ଏପରି ମହାନ ରହିଥିଲା ଯେ ଏହାକୁ କେହି ଭାଗବତ ସରିଲା ବୋଲି କୁହନ୍ତି ନାହିଁ ବରଂ ଭାଗବତ ବଢ଼ିବା ବା ପୋଥି ଉଠିବା ପରି ଶବ୍ଦ ଉଚ୍ଚାରଣ ହୁଏ । ସନ୍ଧ୍ୟା ସମୟରେ ଦୀପଟିର ପ୍ରଜ୍ୱୋଳିତ ଶିଖା ଭିତରେ ଭାଗବତର ଟୁଙ୍ଗୀଘରର ପୁରାଣ ପାଠ ଥିଲା ଗ୍ରାମ୍ୟ ବିଚାରାଳୟ ଆଉ ତାହା ହିଁ ଥିଲା ଲୋକ ଅଦାଲତ । ବାସୁଦେବ ଗୋସେଇଁଙ୍କୁ ପ୍ରଣିପାତ ହୋଇ ଭଗବତ ଚେତନା ସହ ଫେରୁଥିଲେ ଲୋକ । ହରିବୋଲ ଓ ହରିନାମ ସଂକୀର୍ତ୍ତନ ସହ ପବିତ୍ର ହୁଳହୁଳିରେ ଭାଗବତ ଟୁଙ୍ଗୀ ଉଚ୍ଛୁଳି ଉଠୁଥିଲା । ଜୀବନ ଚେତନାରେ ଭାଗବତର ସ୍ଥାନ ସ୍ୱତନ୍ତ୍ର ।

ପ୍ରତିରତ୍ୱିକ ଓ ଅବସର ପ୍ରାପ୍ତ ପ୍ରଫେସର,
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର
ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ଭାବର ବାଣୀ ଭାଗବତ


ପୁଷ୍ପମିତ୍ର ମହାପାତ୍ର

ଅତିବଡ଼ୀ ଜଗନ୍ନାଥ ଦାସଙ୍କ କାଳଜୟୀ ରଚନା ନବାକ୍ଷରୀ ଭାଗବତ । ଭାଦ୍ରବ ମାସ ଇନ୍ଦୁ ପୂର୍ଣ୍ଣିମା ହୋଇଥିଲା ପବିତ୍ର ଭାଗବତ ପୁରାଣର ଜନ୍ମ ଦିନ । ତେଣୁ ଓଡ଼ିଶାର ଘରେ ଘରେ ଆଜି ପାଳିତ ହେଉଛି ଭାଗବତ ଜନ୍ମ ମହୋତ୍ସବ । ଭକ୍ତ ଜଗନ୍ନାଥ ଦାସଙ୍କ ଏହି ନବାକ୍ଷରୀ ଭାଗବତ ଓଡ଼ିଆ ଜାତି, ଭାଷା ଓ ସଂସ୍କୃତିର ସ୍ୱତନ୍ତ୍ର ପରିଚୟ । ଭାଗବତ ଟୁଙ୍ଗି ଓଡ଼ିଆ ଜାତିର ଭକ୍ତିଭାବର ପ୍ରତୀକ ।

ଆଶ୍ୱିନ ମାସ ପ୍ରଥମ ଦିନ ପୂର୍ଣ୍ଣମା ତିଥିକୁ ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା ବା ଶ୍ରୀମଦ୍ ଭାଗବତ ଜୟନ୍ତୀ ବୋଲି ଜୟନ୍ତୀ ଭାବେ ଆମ ହିନ୍ଦୁ ମତରେ ସ୍ୱତନ୍ତ୍ର ଦିବସ ଭାବେ ଆଧ୍ୟାତ୍ମିକ ଚେତନାରେ ପାଳନ କରାଯାଏ । ଏହାର ପରଦିନ ଅପରପକ୍ଷ ପିତୃତର୍ପଣ ଆରମ୍ଭ ହୁଏ । ଏହି ଦିବସଟି ହିନ୍ଦୁ ଧର୍ମାବଲମ୍ବୀମାନଙ୍କ ପାଇଁ ଏକ ବିଶେଷ ଦିବସ । ହିନ୍ଦୁମାନଙ୍କ ମତରେ ଏହି ଦିନ ମହାପୁରୁଷ ଭଗବାନ ବ୍ୟାସ ଦେବଙ୍କ ଦ୍ୱାରା ଶ୍ରୀମଦ୍ ଭଗବତ୍ ଗୀତା ରଚିତ ହୋଇଥିଲା । ଅନ୍ୟ ତିନି ଯୁଗ ତୁଳନାରେ କଳିଯୁଗରେ ମଣିଷମାନେ ଅଜ୍ଞାୟୁଷ, ଦିଗଭ୍ରଷ୍ଟ ଏବଂ ଅଜ୍ଞାନ ହୋଇଥାଆନ୍ତି । ସେମାନେ କିପରି ନିଜର ଧର୍ମକୁ ନିଜେ ପାଳନ କରିବେ ସେଥିନିମନ୍ତେ ମହର୍ଷି ବ୍ୟାସଦେବ ସ୍ୱରଚିତ ଭାଗବତରେ ବିଭିନ୍ନ ଉଦାହରଣ ଦେଇ ବର୍ଣ୍ଣନା କରିଛନ୍ତି । ବାସ୍ତବରେ ଭାଗବତ ହେଉଛି କାଳଜୟୀ ଏବଂ ଅମର । ଏହାର ଲେଖା ପ୍ରତ୍ୟେକ ବ୍ୟକ୍ତିବିଶେଷ ପାଇଁ ଏକାନ୍ତ ଆବଶ୍ୟକ । ନୈଷ୍ଠିକ ହିନ୍ଦୁ ପରିବାରରେ ଭାଗବତ ପ୍ରତିଦିନ ପାଠ କରାଯାଏ । ଭାଗବତକୁ ପଠନ କରୁଥିବା ଏବଂ ଶ୍ରବଣ କରୁଥିବା ଧର୍ମାତ୍ମା ବାସ୍ତବରେ ମହାନ୍ । ଗାଁ ଗାଁରେ ଦେବାଳୟରେ, ମନ୍ଦିରମାନଙ୍କରେ, ଧର୍ମପୀଠରେ ଭାଗବତ ଟୁଙ୍ଗିମାନ ପ୍ରତିଷ୍ଠା କରାଯାଇ ଦେଶ, ଜାତି ତଥା ବ୍ୟକ୍ତିର ଉନ୍ନତି ପାଇଁ ଭାଗବତ ପାଠ କରାଯାଏ ।

ଭଗବାନ ବ୍ୟାସଦେବ ବେଦ, ଉପନିଷଦ, ମହାଭାରତ, ଗାୟତ୍ରୀ ଏବଂ ପୁରାଣ ରଚନା କରି ସେତିକିରେ ସନ୍ତୋଷ ନଥିଲେ । ତେଣୁ ସେ ଜଗତ କଲ୍ୟାଣର ବାର୍ତ୍ତା ସମସ୍ତଙ୍କ ପାଖରେ ପହଂଚାଇବା ପାଇଁ ବ୍ରହ୍ମର୍ଷି ନାରଦଙ୍କ ପରାମର୍ଶରେ ରଚନା କରିଥିଲେ । ଶ୍ରୀମଦ୍ ଭାଗବତ୍ ଯେଉଁଥିରେ ଅଠର ହଜାର ଶ୍ଲୋକ ରହିଅଛି । ଭଗବାନଙ୍କ ଦ୍ୱାରା ଏହା ରଚିତ ହୋଇଥିବାରୁ ଏହାର ଭାଗବତ କୁହାଯାଏ । ଭାଗବତର ତତ୍ତ୍ୱ ବିଶେଷଭାବେ ଶରୀର ତତ୍ତ୍ୱ, ଜନସଚେତନତା ଏବଂ ସମାଜମଙ୍ଗଳ ଉଦ୍ଦିଷ୍ଟ । ବ୍ୟାସକୃତ ସଂସ୍କୃତ ଭାଗବତରେ ଶୁକମୁନି ରାଜା ପରୀକ୍ଷିତଙ୍କୁ କାହାଣୀ କହିବା ମାଧ୍ୟମରେ ବହୁ ଉପଦେଶ, ପରାମର୍ଶ ଦେଇଛନ୍ତି । ଯାହା ଅତ୍ୟନ୍ତ ସୁନ୍ଦର ଏବଂ ହୃଦୟସ୍ପର୍ଶୀ । ସଂସାରର ରୀତିନୀତି, ଚାଲିଚଳଣି, ଆଦବକାଇଦା ଆଦି ଏଥିରେ ସ୍ୱତନ୍ତ୍ର ଭାବେ ଉଦାହରଣ ମାଧ୍ୟମରେ ରଚନା କରାଯାଇଛି । ମହାପୁରୁଷ ଜଗନ୍ନାଥ ଦାସ ତାଙ୍କ ମାତାଙ୍କ ଅନୁରୋଧ ରକ୍ଷା କରି ବ୍ୟାସକୃତ ଶ୍ରୀମଦ୍ ଭାଗବତକୁ ଓଡ଼ିଶା ନବାକ୍ଷରୀ ଛନ୍ଦରେ ରଚନା କରିଛନ୍ତି । ଯାହାକୁ ଗଜପତି ପ୍ରତାପରୁଦ୍ର ଦେବ ଓଡ଼ିଶାର ଗ୍ରାମେ ଗ୍ରାମେ ଭଗବତ ଟୁଙ୍ଗିମାଧ୍ୟମରେ ଭାଗବତ ବାଣୀ ପ୍ରଚାର ଓ ପ୍ରସାର କରାଇଥିଲେ ।

ଭାଗବତକୁ ଭଗବାନଙ୍କ ପ୍ରତ୍ୟକ୍ଷ ରୂପ ବୋଲି ମନେକରି ହିନ୍ଦୁ ଧର୍ମର ପ୍ରତ୍ୟେକ ଘରେ ଘରେ ଆସ୍ଥାନରେ ରଖି ବିଧିବିଧାନର ସହିତ ପୂଜାର୍ଚ୍ଚନା କରାଯାଉଛି । ଭାଗବତ ପଢ଼ିବା ଦ୍ୱାରା ସକଳ ପାପତାପ ରୋଗ ଆଦି ଦୂରୀଭୂତ ହୁଏ ବୋଲି ବିଶ୍ୱାସ । ଶ୍ରୀମନ୍ଦିରରେ ଭାଗବତ ପାଠର ପରମ୍ପରା ସ୍ୱତନ୍ତ୍ର ଭାବରେ ରହିଅଛି । ଆଜିର ଦିବସରେ ଭାଗବତ ରଚନା ହୋଇଥିବାରୁ ଏହି ଦିବସକୁ ଆମ ସଂସ୍କୃତିରେ ସ୍ୱତନ୍ତ୍ର ଭାବେ ପାଳନ କରାଯାଏ । ଓଡ଼ିଆ ଭାଷାର ଦୁର୍ଲ୍ଲଭ ଉପଦେଶ ଭଣ୍ଡାର ଭାଗବତ ଗ୍ରନ୍ଥରେ ଭରି ରହିଛି । ଓଡ଼ିଆ ଜାତିର ଆଧ୍ୟାତ୍ମିକ ଉତ୍‌ଥାନର ଏକମାତ୍ର ସମ୍ପତି ହେଉଛି ପରମ ଶାସ୍ତ୍ର ଭାଗବତ । ସ୍ୱୟଂ ଭଗବାନ ଏହି ଦ୍ୱାଦଶ ସ୍କନ୍ଦ ବିଶିଷ୍ଟ ଭାଗବତରେ ରହିଛନ୍ତି । ସମ୍ପୂର୍ଣ୍ଣ ଭାଗବତ ପଢ଼ିଲେ ଆମେ ଭଗବାନଙ୍କ ଲୀଳା ଅନୁଭବ କରିପାରିବା ।

ଆଇନ୍‌ଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ଦୂରଭାଷ : ୯୪୩୭୨୨୫୬୮୯

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ଖେଳ ପର୍ଯ୍ୟବେକ୍ଷକ
Bhubaneswar Friday September 5 ଭୁବନେଶ୍ୱର ଶୁକ୍ରବାର, ୫, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# କୃଷି ଯୁଗ୍ମ ନିର୍ଦ୍ଦେଶକଙ୍କ ବନ୍ୟା ଅଞ୍ଚଳ ପରିଦର୍ଶନ



ଧାମନଗର ,(ପି.ଏନ): ଚ଼ଳିତ ବର୍ଷ ଲଗାଣ ବର୍ଷାରେ ଏକ ମାସ ମଧ୍ୟରେ ଲଗାତାର ଭାବେ ତିନି ଥର ବନ୍ୟା ଆସିବା ଯୋଗୁଁ ତଳିଆ ଅଞ୍ଚଳରେ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଧନ ଜୀବନ ସହ ବହୁ କଚ୍‌ଚ଼ା ଘର ଓ ଚ଼ାଷ ଜମି କ୍ଷତି ହୋଇଛି। ବନ୍ୟା ପରେ ଗୁରୁବାର ରାଜ୍ୟ ସରକାରଙ୍କ କୃଷି ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସଂଗ୍ରାମ କେଶରୀ ପଟ୍ଟନାୟକ ବନ୍ୟା ପ୍ରଭାବିତ ଏବଂ ଚ଼ାଷଜମି କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଛନ୍ତି।ଏହି ପରିଦର୍ଶନ ବେଳେ ବ୍ଲକ କୃଷି ଅଧିକାରିଣୀ ଅନୁରାଧା ପଣ୍ଡା,ମୁଖ୍ୟ କୃଷି ଜିଲ୍ଲା ଅଧିକାରୀ ଦ୍ୱିଜବର ସେଠୀ,ବ୍ଲକ ସହକାରୀ କୃଷି ଅଧିକାରୀ ଦେବାଶିଷ ତ୍ରିପାଠୀ, ସହକାରୀ ଉଦ୍ୟାନ କୃଷି ଅଧିକାରୀ କୁଞ୍ଜବିହାର ମିଶ୍ର ଏବଂ ମାନସ ରଞ୍ଜନ ରାଉତ ପ୍ରମୁଖ ଧାମନଗର ଚ଼ୁଡାକୁଟି, ରାଧାବଲ୍ଲଭପୁର, ବୟାଙ୍ଗଡିହ,ହସନାବାଦ,ଅର୍ଜୁନପୁର ସମେତ ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି କ୍ଷୟକ୍ଷତି ଅନୁଧ୍ୟାନ କରିଥିବା ବେଳେ ଚ଼ାଷୀମାନେ ଉପସ୍ଥିତ ଥିଲେ।ଏହା ପରେ ଜିଲ୍ଲାସ୍ତରୀୟ ବୈଠକରେ ମୁଖ୍ୟତଃ ଡିଜିଟାଲ ଫସଲ ସର୍ବ ?କ୍ଷଣ ଦ୍ୱାରା ପ୍ରକୃତ ଚ଼ାଷଜମି କେତେ କ୍ଷୟକ୍ଷତି ହୋଇଛି ଚ଼ିହ୍ନଟ ପରେ ଧାର୍ଯ୍ୟ ପରିମାଣ ଆକଳନ କରି ନିଷ୍ପତ୍ତି ନିଆଯିବ ବୋଲି ବ୍ଲକ କୃଷି ଅଧିକାରୀ ସୂଚ଼ନା ଦେଇଛନ୍ତି।

# ଇଫକୋ ପକ୍ଷରୁ ଅନସାଇଟ୍ ଆପାତକାଳୀନ ମକ୍ ଡ୍ରିଲ୍ ଆୟୋଜିତ





ପାରାଦୀପ,(ପି.ଏନ): ପାରାଦୀପ ଉପକଣ୍ଠରେ ଥିବା ବିଶ୍ୱର ସର୍ବବୃହ ସମହାୟଭିତିକ ସାର ଉତ୍ପାଦନକାରୀ ସଂସ୍ଥା ଇଫକୋ ପାରାଦୀପ ୟୁନିଟ୍ ସବୁବେଳେ ପରିବେଶ ସୁରକ୍ଷା, ସାଧାରଣ ଲୋକଙ୍କୁ ଆପାଦକାଳୀନ ସହାୟତା, କାରଖାନାର ସୁରକ୍ଷାକୁ ଗୁରୁତ୍ୱ ଦେଇ ଆସିଛି । ବିଭିନ୍ନ ସମୟରେ ଇଫକୋ ତାର କାରଖାନାର ସଠିକ୍ ମରାମତି କରିଥାଏ । ତାହାର ସଠିକ୍ ପରୀକ୍ଷା ନିରୀକ୍ଷା ମଧ କରିଥାଏ । କାରଖାନାରେ ରାସାୟନିକ ପଦାର୍ଥ ସାର ଉତ୍ପାଦନରେ ବ୍ୟବହୃତ ହୋଇଥାଏ ଏହା ଲିକ୍ ହେବାର ସମ୍ଭାବନା ଦେଖାଇଥାଏ। ଏହିକ୍ରମରେ ଗୁରୁବାର ଦିନ ଇଫକୋ ୟୁନିଟ୍ ପକ୍ଷରୁ ଆପାତକାଳୀନ ମକ୍ ଡ୍ରିଲ୍ ଆୟୋଜିତ ହୋଇଥିଲା । କାରାଖାନାରୁ ଯଦି କେତେବେଳେ ଆମୋନିଆ ଗ୍ୟାସ ଲିକ୍ ହୁଏ ଏହାକୁ କିପରି ତୁରନ୍ତ ପ୍ରତିରୋଧ କରାଯାଇ ପାରିବ ସେ ସମ୍ପର୍କରେ ମକ୍‌ଡ୍ରିଲ୍‌ରେ ପ୍ରଦର୍ଶିତ ହୋଇଥିଲା । ଗୁରୁବାଦ ଦିନ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ନିରଂଜନ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଇଫକୋ ଦ୍ୱାରା ଅନୁଷ୍ଠିତ ମକ୍‌ଡ୍ରିଲକୁ ଉଚ୍ଚପ୍ରଶଂସା କରିଥିଲେ। ବାତ୍ୟା ହେଉ କିମ୍ବା ସୁନାମି ଏହା ଦାଉରୁ କିପରି ଜନସାଧାରଣଙ୍କୁ ରକ୍ଷା କରାଯାଇ ପାରିବ ସେ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆସିଷ୍ଟାଣ୍ଡ ଡାଇରେକ୍ଟର (ଏଫଆଣ୍ଡବି) ସି.ଏସ.ବେହେରା, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସ୍ଥାନୀୟ ଅଧିକାରୀ ପି.ସି.ବେହେରା ଯୋଗ ଦେଇଥିଲେ। ଇଫକୋର ୟୁନିଟ୍ ହେଡ୍ ପି.କେ.ମହାପାତ୍ର ଆପାତ୍‌କାଳୀନ ବିପର୍ଯ୍ୟୟ ସମୟରେ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଯେହେତୁ ପାରାଦୀପ ଏକ ଶିଳ୍ପସହର ଏହାକୁ ଦୃଷ୍ଟିରେ ରଖି ବିପର୍ଯ୍ୟୟ ସମୟରେ ସମସ୍ତେ ଏକ ହେଲେ ଜନଜୀବନର ସୁରକ୍ଷା ହୋଇ ପରିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ପାରାଦୀପ ଏଏସପି, ଏନଡିଆରଏଫ, ସିଆଇଏସସଫ, ତଟରକ୍ଷୀ ବାହିନୀ, ଓଡିଶା ଅଗ୍ନିଶମ ବାହିନୀ ସମେତ ବହୁ ସରକାରୀ ସଂସ୍ଥାର ପ୍ରତିନିଧିମାନେ ଯୋଗ ଦେଇଥିଲେ।

# ସାପକାମୁଡାରେ ଗୁରୁତର ମଳୟରଞ୍ଜନକୁ ଅର୍ବାନବ୍ୟାଙ୍କର ସହାୟତା



କେନ୍ଦ୍ରାପଡ଼ା,(ପି.ଏନ):କେନ୍ଦ୍ରାପଡା ଅର୍ବାନକୋପରେଟିଭ ବ୍ୟାଙ୍କ ପକ୍ଷରୁ ସାପକାମୁଡାରେ ଗୁରୁତର ହୋଇପଡିଥିବା ମଳୟରଞ୍ଜନଙ୍କୁ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏଠାରେ ସୂଚନା ଯୋଗ୍ୟ ଯେ କୁଶିଆପାଳ ପ ାୟତର ବାଲିପାଟଣା ଗ୍ରାମର ମିଟୁନ ଦାସଙ୍କ ପୁଅ ମଳୟରଞ୍ଜନ ଦାସ(୧୫)ଙ୍କୁ କିଛିଦିନ ତଳେ ଏକ ବୋଡା ସାପ କାମୁଡି ଦେଇଥିଲା। ସେ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। କିନ୍ତୁ ଏବେ ସାପକାମୁଡିଥିବା ଗୋଡର ଘା ନସୁଖିବାରୁ ସେ ଚାଲିପାରୁନାହାନ୍ତି। ତାଙ୍କର ବାପା ଜଣେ ରୋଷେୟା ଭାବେ କାମ କରନ୍ତି। ଆର୍ଥିକ ଅନାଟନ ଯୋଗୁଁ ମିଟୁନ ତାଙ୍କ ପୁଅର ଚିକିତ୍ସା କରିବା କଷ୍ଟକର ହୋଇପଡିଛି। ତେଣୁ ସେ ଏସମ୍ପର୍କରେ ଅର୍ବାନ ବ୍ୟାଙ୍କର ସଭାପତିଙ୍କୁ ଜଣାଇଥିଲେ। ଏସମ୍ପର୍କରେ ଜାଣିବା ପରେ କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କ ପକ୍ଷରୁ ସଭାପତି ଗୁରୁପ୍ରସାଦ ମହାନ୍ତି ମଳୟରଞ୍ଜନଙ୍କ ଚିକିତ୍ସା ନିମନ୍ତେ ୫ହଜାର ଟଙ୍କାର (ଚେକ୍) ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏଥିସହିତ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ସହାୟତା ପ୍ରଦାନ ସମୟରେ ନିର୍ଦ୍ଦେଶକ ସୁକାନ୍ତ ଦ୍ୱିବେଦୀ ଓ ବ୍ୟାଙ୍କର ସିଇଓ ଭାଗ୍ୟଲକ୍ଷ୍ମୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।









# ପାରାଦୀପରେ ଜାତୀୟ କଂଗ୍ରେସ୍ ପକ୍ଷରୁ ସଙ୍ଗଠନ ସୃଜନ ଅଭିଯାନ

ପାରାଦୀପ,(ପି.ଏନ): ଗୁରୁବାର ଦିନ ପାରାଦୀପ ପୌରପାଳିକା କଲ୍ୟାଣ ମଣ୍ଡପ ପରିସରରେ ପାରାଦୀପ ନଗର କଂଗ୍ରେସ୍ ପକ୍ଷରୁ ସଙ୍ଗଠନ ସୃଜନ ଅଭିଯାନ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଚୟନ ନିମନ୍ତେ କର୍ମୀମାନଙ୍କ ସହିତ ଜଣ ଜଣ କରି ଆଲୋଚନା କରିଥିଲେ ଅଖିଳ ଭାରତୀୟ କଂଗ୍ରେସ୍ କମିଟିର ଜଗତସିଂହପୁର ଜିଲ୍ଲା ପ୍ରଭାରୀ ଏମ୍. ଲିଜୁ । ଓଡିଶା ପ୍ରଦେଶ କଂଗ୍ରେସ୍ କମିଟିର ପକ୍ଷରୁ ପର୍ଯ୍ୟବେକ୍ଷକ ଭାବେ ରାଜକିଶୋର ବାରିକ , ଜିଲ୍ଲା କଂଗ୍ରେସ୍ କମିଟି ସଭାପତି ନଟବର ବାରିକ, ପାରାଦୀପ ବିଧାନସଭା କ୍ଷେତ୍ର କଂଗ୍ରେସ୍ ନେତା ନିରଂଜନ ନାୟକ ଯୋଗ ଦେଇଥିଲେ । ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ପାରାଦୀପ ନଗର କଂଗ୍ରେସ୍ କମିଟି ସଭାପତି କେଦାରନାଥ ବିଶ୍ୱାଳ। ପାରାଦୀପ ଅଂଚଳର କଂଗ୍ରେସ୍ ନେତା ଓ କର୍ମୀମାନେ ଏହି ବୈଠକରେ ଯୋଗ ଦେଇ ଦଳକୁ ତୃଣମୂଳସ୍ତରରୁ ମଜଭୁତ୍ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଏଥି ସହିତ ଜିଲ୍ଲା ସଭାପତି ନିମନ୍ତେ ନିଜର ଯୋଗ୍ୟ ନେତାଙ୍କ ନାମ ଏଆଇସିସି ପର୍ଯ୍ୟବେକ୍ଷକ ଏମ୍. ଲିଜୁଙ୍କୁ ପ୍ରସ୍ତାବ ଦେଇଥିଲେ। ସମସ୍ତଙ୍କ ପ୍ରସ୍ତାବକୁ ସେ ବିଚାରକୁ ନେଇ ଦଳର ଉଚ୍ଚ ନେତୃମଣ୍ଡଳୀଙ୍କୁ ପ୍ରଦାନ କରିବେ ବୋଲି ଏଆଇସିସି ପର୍ଯ୍ୟବେକ୍ଷକ ଏମ୍. ଲିଜୁ କହିଛନ୍ତି । ଦଳକୁ ତୃଣମୂଳସ୍ତରରୁ ସଶକ୍ତ କରିବା ପାଇଁ ଭାରତ ନ୍ୟାୟ ଯାତ୍ରା ପରେ ଦଳର ଶୀର୍ଷ ନେତୃତ୍ୱ ପ୍ରସ୍ତାବ ଦେଇଥିଲେ। ସେହି ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରାଯାଉଛି ବୋଲି ଏଆଇସିସି ପର୍ଯ୍ୟବେକ୍ଷକ ଏମ୍. ଲିଜୁ ଗନମାଧ୍ୟମକୁ କହିଛନ୍ତି।

# ବସ ଟିକେଟ ଡିଜିଟାଇଜ କରିବାକୁ ଜାକପେ ପକ୍ଷରୁ କ୍ରୁଟ ଓ ଓଏନଡିସି ସହ ସହଯୋଗିତା

ଭୁବନେଶ୍ୱର,(ପି.ଏନ): ଜାକପେ ଏବଂ ସିଆରୟୁଟିର ନୂତନ ଉଦ୍ୟମ ଫଳରେ ଓଡ଼ିଶାରେ ବସ୍ ଟିକେଟ୍ ଏବେ ହ୍ୱାଟ୍ସଆପରେ କ୍ରୟ କରାଯାଇପାରିବ । କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ) ଏବଂ ଓଏନଡିସି ନେଟୱ୍ୱାର୍କ ସହିତ ଜାକପେର ଏକ ଉଲ୍ଲେଖନୀୟ ସହଯୋଗିତା ହେତୁ ଓଡ଼ିଶାର ଲକ୍ଷାଧିକ ଯାତ୍ରୀ ଏବେ ହ୍ୱାଟ୍ସଆପ୍ ମାଧ୍ୟମରେ ସହଜରେ ବସ୍ ଟିକେଟ୍ବୁକ୍ କରିପାରିବେ। ଏହି ଚାଟ ଆଧାରିତ ସେବା ରାଜ୍ୟର ୨୪ ନିୟୁତ ଯାତ୍ରୀ ଏବଂ ପ୍ରାୟ ୩୬ ନିୟୁତ ବସ୍ ଯାତ୍ରାକୁ ଡିଜିଟାଇଜ୍ କରିବାର ଲକ୍ଷ୍ୟ ରଖିଛି।ଏହି ସେବା ଭୁବନେଶ୍ୱର, କଟକ, ଖୋର୍ଦ୍ଧା, ପିପିଲି, ପୁରୀ, କୋଣାର୍କ, ରାଉରକେଲା, ସମ୍ବଲପୁର ଏବଂ ବ୍ରହ୍ମପୁର ଆଦି ନଅଟି ମୁଖ୍ୟ ସହରରେ ଚାଲୁ ହୋଇଛି। ୯୦୭୮୦୫୦ ୨୧୮ ନମ୍ବରକୁ ହ୍ୱାଟ୍ସଆପରେ 'ହାଇ' ମେସେଜ୍ କରି ଯାତ୍ରୀମାନେ ଟିକେଟ୍ବୁକ୍ କରିପାରିବେ, ଯାହାକି ଓଡ଼ିଆ ଏବଂ ଇଂରାଜୀ ଭାଷାରେ ଉପଲବ୍ଧ। ଏହି ପରିପ୍ରେକ୍ଷୀରେ ଜାକପେର ଉପ-ସଭାପତି ଏବଂ ବ୍ୟବସାୟ ମୁଖ୍ୟ ଶ୍ରୀ ଅଭିଷେକ ମୁଖାର୍ଜୀ କହିଛନ୍ତି ଯେ, 'କ୍ରୁଟ ସହିତ ଆମର ଭାଗୀଦାରୀ ସର୍ବସାଧାରଣଙ୍କ ପାଇଁ ଯାତାୟାତକୁ ସହଜ ଏବଂ ଅଧିକ ପ୍ରବେଶଯୋଗ୍ୟ କରିବାର ଦିଗରେ ଏକ ପଦକ୍ଷେପ। ହ୍ୱାଟ୍ସଆପ୍ ମାଧ୍ୟମରେ ଆମେ ଏକ ନିରବଚ୍ଛିନ୍ନ ଡିଜିଟାଲ୍ ଦେୟ ଅନୁଭବ ସୃଷ୍ଟି କରୁଛୁ ଯାହା ଲକ୍ଷାଧିକ ଭାରତୀୟଙ୍କୁ ନଗଦ ବିହୀନ ଯାତାୟାତ ଦିଗକୁ ଅଗ୍ରସର କରିବ।' କ୍ରୁଟର ପରିଚାଳନା ନିର୍ଦ୍ଦେଶକ, ଶ୍ରୀ ଏନ୍ ତିରୁମଲା ନାୟକ (ଆଇଏଏସ) କହିଛନ୍ତି ଯେ, ' କ୍ରୁଟରେ, ଆମର ଲକ୍ଷ୍ୟ ହେଉଛି ସହରୀ ଯାତାୟାତକୁ ଅଧିକ ସ୍ମାର୍ଟ, ଅ'ର୍ଭୁକ୍ତକରଣ ଏବଂ ଯାତ୍ରୀ ଅନୁକୂଳ କରିବା। ହ୍ୱାଟ୍ସଆପ୍-ଆଧାରିତ ଟିକେଟିଂ ସମାଧାନ ଆମ ନାଗରିକଙ୍କ ପାଇଁ ଡିଜିଟାଲ୍ ସଶକ୍ତିକରଣ ଏବଂ ସୁବିଧା ଦିଗରେ ଆଉ ଏକ ପଦକ୍ଷେପ। ପ୍ରଯୁକ୍ତି ସହିତ ଯାତାୟାତକୁ ସଂଯୋଗ କରି ଆମେ କେବଳ ଯାତ୍ରା ଅନୁଭବକୁ ସରଳ କରୁନାହୁଁ, ବରଂ ଅଧିକ ଲୋକଙ୍କୁ ସ୍ଥାୟୀ ଯାତାୟାତ ବିକଳ୍ପ ଗ୍ରହଣ କରିବାକୁ ଉତ୍ସାହିତ କରୁଛୁ।' ଓଏନଡିସିର କାର୍ଯ୍ୟକାରୀ ସିଇଓ ଏବଂ ସିଓଓ, ଶ୍ରୀ ବିଭୋର ଜୈନ କହିଛନ୍ତି ଯେ, 'ଓଏନଡିସି ନେଟୱ୍ୱାର୍କର ଓପନ୍ ରେଲ୍ସ ଓଡ଼ିଶାରେ ସର୍ବସାଧାରଣ ଯାତାୟାତ ଭଣ୍ଡାରକୁ ଉଜାଗର କରୁଛି। ଏହାକୁ ସମସ୍ତଙ୍କ ପାଇଁ ଡିଜିଟାଲ୍ ଭାବରେ ପହଞ୍ଚାଉଛି। କ୍ରୁଟର ବସ୍ ଟିକେଟିଂନେଟୱ୍ୱାର୍କ ସହିତ ସଂଯୋଗ ହୋଇଥିବାରୁ ଯାତ୍ରୀମାନେ ପେଲୋକାଲ୍‌ଦ୍ୱାରା ବିକଶିତ ଏବଂ ଜାକପେଦ୍ୱାରା ସୁରକ୍ଷିତ ଦେୟ ସହିତ ଏକ ସରଳୀକୃତହ୍ୱାଟ୍ସଆପ୍ ଇଣ୍ଟରଫେସ୍ ମାଧ୍ୟମରେ ସେମାନଙ୍କର ଯାତ୍ରା ନିରବଚ୍ଛିନ୍ନ ଭାବରେ ଖୋଜିପାରିବେ ଏବଂ ବୁକ୍ କରିପାରିବେ।' ଜାକପେ ଏକ ଆରବିଆଇ ଲାଇସେନ୍ସପ୍ରାପ୍ତ ପେମେଂଟ ଏଗ୍ରିଗେଟର ଭାବରେ କାର୍ଯ୍ୟ କରୁଛି ଏବଂ ଦିଲ୍ଲୀ ଟ୍ରାନ୍ସପୋର୍ଟ କର୍ପୋରେଶନ, ଦିଲ୍ଲୀ ମେଟ୍ରୋ ରେଲ କର୍ପୋରେଶନ ଏବଂ ଇନ୍ଦ୍ରପ୍ରସ୍ଥ ଗ୍ୟାସ୍ ଲିମିଟେଡ୍ ଭଳି ପ୍ରମୁଖ ଯାତାୟାତ ସଂସ୍ଥାଗୁଡ଼ିକର ଡିଜିଟାଲ୍ ଦେୟ ସକ୍ରିୟ କରିଛି।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray